# ଅପପୁଷ୍ଟିର ଦୂରିକରଣ ନିମନ୍ତେ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ।

ଅନୁଗୋଳ,ତା.୩୦.୦୪ :- ଜିଲ୍ଲାରେ ଶିଶୁମାନଙ୍କ ମଧ୍ୟରେ ଅପପୁଷ୍ଟିର ଦୂରୀକରଣ ନିମନ୍ତେ ଏକ ସମୀକ୍ଷା ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଶିଶୁ ଓ ମାତୃ ମୃତ୍ୟୁ ହାର କମାଇବା ସହ ସମନ୍ୱିତ ଶିଶୁ ବିକାଶ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଚଳିତ ବର୍ଷର ମାର୍ଚ୍ଚ ମାସରେ ଜିଲ୍ଲାରେ ଅପପୁଷ୍ଟିର ହାର ୪୦ ପ୍ରତିଶତ ଥିଲା । ଏହି ମାସରେ ୨ଜଣ ମାତୃ ମୃତ୍ୟୁହାର ହୋଇଥିବା ବେଳେ ୨୮ ଜଣ ଶିଶୁ ମୃତ୍ୟୁବରଣ କରିଛନ୍ତି । ଜିଲ୍ଲାରେ କାହିଁକି ଶିଶୁମାନେ ଅପପୁଷ୍ଟିର ଶିକାର ହେଉଛନ୍ତି ଓ ଏହାର ନିରାକରଣ ନିମନ୍ତେ କଣ ସବୁ ପଦକ୍ଷେପ ନିଆଯାଉଛି ସେ ସମ୍ପର୍କରେ ଜିଲ୍ଲାପାଳ ସି ଡି ପି ଓ ମାନଙ୍କୁ ପଚାରି ବୁଝିଥିଲେ । ଶିଶୁମାନଙ୍କର ଜନ୍ମ ସମୟରେ କମ୍ ଓଜନ କିପରି ନ ରହିବ ତାହାର ପ୍ରତିକାର କରିବା ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବା ସହ ପ୍ରତ୍ୟେକ ସି ଡି ପି ଓ କମ୍ ଓଜନ ଥିବା ଅତି କମ୍‌ରେ ୫ଟି ପିଲାଙ୍କୁ ନିୟମିତ କାଉନ୍‌ସେଲିଂ କରିବାକୁ ପରାମର୍ଶ ଦିଆଯାଇଛି । ଜିଲ୍ଲାରେ ଅପପୁଷ୍ଟିର ଦୂରିକରଣ ନିମନ୍ତେ ସମସ୍ତେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଗର୍ଭବତୀ ମହିଳାମାନଙ୍କର ପ୍ରସବ ବେଦନା ଆରମ୍ଭ ହେବା କ୍ଷଣି ତୁରନ୍ତ ସେମାନଙ୍କୁ ଡାକ୍ତରଖାନାକୁ ନେବାକୁ ସମ୍ପୃକ୍ତ ଆଶା ଓ ଅଙ୍ଗନାୱାଡି କର୍ମୀମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ଅମରେନ୍ଦ୍ରନାଥ ମହାନ୍ତି ପରାମର୍ଶ ଦେଇଛନ୍ତି । ଡାକ୍ତରଖାନାରେ କିପରି ସନ୍ତାନ ପ୍ରସବ ଅଧିକ ସଂଖ୍ୟାରେ ହେବ ସେଥିପାଇଁ ଆଶା ଓ ଅଙ୍ଗନାୱାଡି କର୍ମୀମାନେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାରେ ୮୮ ପ୍ରତିଶତ ପ୍ରସବ ଡାକ୍ତରଖାନାରେ ହୋଇଥିବା ସମ୍ପର୍କରେ ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ୟୁନିସେଫର ପରାମର୍ଶଦାତା ଶ୍ରୀ ପ୍ରିୟବ୍ରତ ଦାସ,ଏ ଡି ଏମ୍ ଓ(ଜନସ୍ୱାସ୍ଥ୍ୟ) ଡା.ରାକେଶ କୁମାର ସାହୁ , ଜେ ଏସ୍ ପି ଏଲର ଜି ଏମ୍ (ସି ଏସ୍ ଆର) ପୁଷ୍ପଲତା ଶତପଥି, ଏଲ୍ ଡି ଏମ୍ ମହେଶ୍ୱର ଗୌଡଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସମାଜ ମଂଗଳ ବିଭାଗର କର୍ମକର୍ତାମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ଶ୍ରୀମତୀ ଆଲମା ବରୁଆ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ଏହି ସମୀକ୍ଷା ବୈଠକର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଆ ସି ଡି ଏସ୍ (ଏନ୍ ଓ ପି)ର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳିକା ଝିଲି ଖଟୁଆ ପାୱାର ପଏଣ୍ଟ ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରିଥିଲେ ।


COURT OF THE COLLECTOR & DISTRICT MAGISTRATE
ANGUL